## ସଂକ୍ଷେପରେ

### ଏତଲା ଦେବାକୁ ଆସି ଥାନା ଆଗରେ ଟଳି ପଡ଼ିଲେ ବୃଦ୍ଧା

**କବିସୂର୍ଯ୍ୟନଗର,୮।୯(ଡି.ଏନ.ଏ.):** ଥାନାକୁ ଏତଲା ଦେବାକୁ ଆସି ଜଣେ ବୃଦ୍ଧା ଟଳି ପଡିଛନ୍ତି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବୁଢ଼ାଆମ୍ବ ଚମ୍ପେଇତପୁର ଗ୍ରାମର ସୁଶୀଳା ରାଉତ(୭୦)। ପାରିବାରିକ କଳହକୁ ନେଇ ମଙ୍ଗଳବାର ରାତିରେ କବିସୂର୍ଯ୍ୟନଗର ଥାନାକୁ ଏତଲା ଦେବାକୁ ଆସି ଅଚେତ ହୋଇ ପଡିଥିଲେ। ତାଙ୍କୁ ଥାନା ଗାଡ଼ିରେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ନଂ.୧୧/୨୧ ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଶମ୍ଭୁ ପାଣିଗ୍ରାହୀ ହେଲେ ପିପିସି ସମ୍ପାଦକ

**ହିଞ୍ଜିଳିକାଟୁ,୮।୯(ଡି.ଏନ୍.ଏ):** ଏଆଇସିସି ପକ୍ଷରୁ ବୁଧବାର ପ୍ରକାଶିତ ଓଡ଼ିଶା ପ୍ରଦେଶ କମିଟିରେ ଗତଥର ହିଞ୍ଜିଳି



ବିଧାନସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀଙ୍କୁ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ଆଇନଜୀବୀ ପାଣିଗ୍ରାହୀ ପିସିସି ସଭ୍ୟ ଭାବେ କାର୍ଯ୍ୟ କରିଥିଲେ। ସମ୍ପାଦକ ନିଯୁକ୍ତ ପରେ ଦଳର ସାଙ୍ଗଠନିକ ଦୃଢ଼ତା ପାଇଁ କାମ କରିବେ ବୋଲି ପାଣିଗ୍ରାହୀ କହିଛନ୍ତି। ଅନ୍ୟପକ୍ଷରେ ପାଣିଗ୍ରାହୀଙ୍କୁ ହିଞ୍ଜିଳି ବ୍ଲକ କଂଗେସ ସଭାପତି ଶିବରାମ ପ୍ରଧାନ, ନଗର ସଭାପତି ସୁନାରାମ ସାବତ, ଶେରଗଡ଼ ବ୍ଲକ ସଭାପତି କୁନା ବିଷୋୟୀ ପ୍ରମୁଖ ବହୁ ନେତା, କର୍ମୀ ସ୍ୱାଗତ କରିଛନ୍ତି।

### ବିଜୁଳି ବିଭ୍ରାଟ ନେଇ ଜନ ଅସନ୍ତୋଷ

**ଶେରଗଡ଼,୮।୯(ଡି.ଏନ.ଏ.):** ଶେରଗଡ ବ୍ଲକରେ ପ୍ରତିଦିନ ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ୭୦ରୁ ୮୦ ଖଣ୍ଡ ଗ୍ରାମକୁ ନେଇ ଶେରଗଡ଼ ବିଜୁଳି ସେକ୍ସନ। ଏଇ ସେକଶନକୁ କେହି ଦୃଷ୍ଟି ଦେଉ ନଥିବାରୁ ବିଜୁଳି ବିଭ୍ରାଟ ଲାଗି ରହୁଛି। ବର୍ଷା ହୋଇଗଲେ ଦିନ ଓ ରାତି ତମାମ ବିଦ୍ୟୁତ୍ କାଟ୍ ହୋଇଯାଉଛି। ଫଳରେ ଜନସାଧାରଣ , ବ୍ୟାଙ୍କ ପ୍ରତିଷ୍ଠାନ,ବ୍ୟବସାୟୀକ ଅନୁଷ୍ଠାନ କ୍ଷତି ସହୁଛନ୍ତି। ଏଥିପ୍ରତି ପ୍ରଶାସନ କୌଣସି ଦୃଷ୍ଟି ଦେଉନାହାଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ବଚନୀ ମଣ୍ଡଳୀ ହୋଇଥିଲେ ମଧ ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଏଥିପ୍ରତି ବିଜୁଳି ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାଣରେ ଦାବି ହୋଇଛି।

### ସାପ କାମୁଡ଼ାରେ ମହିଳା ମୃତ

**ଆସିକା,୮।୯(ଡି.ଏନ.ଏ):** ଆସିକା ଥାନାର କୋଟିନଡ଼ା ଫାଣ୍ଡି ଅନ୍ତର୍ଗତ ଘଟକୁରୀ ଗ୍ରାମରେ ବୁଧବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ଷ୍ମୀ ନାହାକ (୪୨)। ଲକ୍ଷ୍ମୀ ଗ୍ରାମ ସଂଲଗ୍ନ ଶ୍ମସାନ ନିକଟସ୍ଥ ଚାଷ ଜମିରେ ଘାଷ ବାଛୁଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କ ପୁଅ ସରୋଜ ଏତଲା କ୍ରମେ ଆସିକା ଥାନାରେ ନଂ. ୧୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଉପବଜାର ପ୍ରାଙ୍ଗଣ ଉଦ୍‌ଘାଟିତ

**ବୁଗୁଡ଼ା,୮।୯(ଡି.ଏନ.ଏ.):** ବଜାର ନିୟନ୍ତ୍ରିତ କମିଟି, ଭଞ୍ଜନଗର ଆନୁକୂଲ୍ୟରେ ସ୍ଥାନୀୟ ଷୋଳମାଇଲିଠାରେ ଉପବଜାର ପ୍ରାଙ୍ଗଣର ଶୁଭ ଉଦ୍‌ଘାଟନ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ହୋଇଯାଇଛି। କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ଦିନବନ୍ଧୁ ଗୌଡ ଓ ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା ଅତିଥି ଭାବେ ଯୋଗ ଦେଇଥିଲେ।

# ପାର୍କ ନିର୍ମାଣ ଲାଗି ଜିଲାପାଳଙ୍କୁ ଦାବିପତ୍ର

**କବିସୂର୍ଯ୍ୟନଗର,୮।୯(ଡି.ଏନ.ଏ.)**

କେନ୍ଦ୍ର ସରକାର ୨୦୧୪ ମସିହାଠାରୁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଛି। କବିସୂର୍ଯ୍ୟନଗରରେ ଏହି ଅଭିଯାନ କାଗଜ କଲମରେ ସିମିତ ରହିଥିବା ଦେଖାଦେଇଛି। ସ୍ଥାନୀୟ ଉପକଣ୍ଠରେ ଅବସ୍ଥିତ ଗୋଦାବରୀ ପୋଖରୀ ହିଡ଼ ଓ ମର୍ଦ୍ଧରାଜ ସାହିର ଉତ୍ତର ପାର୍ଶ୍ୱ ଅନଧିକାର ଅଞ୍ଚଳକୁ ମିଶାଇ ଏକ ଶିଶୁ ପାର୍କ ନିର୍ମାଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା। ଗୋଦାବରୀ ପୋଖରୀର ଦକ୍ଷିଣ ପାର୍ଶ୍ୱ ସିମେଣ୍ଟ ରୋଡ଼ ଭଙ୍ଗାଯାଇ ପାର୍କ ନିର୍ମାଣ ଲାଗି କାର୍ଯ୍ୟ ଆରମ୍ଭ ହେଲା। କିନ୍ତୁ ମର୍ଦ୍ଧରାଜ ସାହିର କିଛି ସ୍ୱାର୍ଥପର ବ୍ୟକ୍ତି ନିଜ ଅନଧିକାର ଜାଗା ଚାଲିଯିବା ଭୟରେ ଅଭିଯୋଗ କଲେ। ଯଦ୍ୱାରା ଅଧାରେ କାମ ରହିଗଲା। ପୁଣି ଲକ୍ଷାଧିକ ବ୍ୟୟରେ

## ଦୁର୍ଗନ୍ଧରେ ଫାଟୁଛି ପୋଖରୀ ହିଡ଼



ଆବର୍ଜନା ସ୍ଥଳ।

ଭଙ୍ଗାଯାଇଥିବା ସିମେଣ୍ଟ ରୋଡ଼କୁ ପୁନଃ ନିର୍ମାଣ କରାଗଲା। ବର୍ତ୍ତମାନ ଏହି ରାସ୍ତା ୨୪ଘଣ୍ଟିଆ ଖୋଲା ଶୌଚାଳୟ ପାଲଟିଛି। ଏହାକୁ ଲାଗି ରହିଥିବା ଦୁଇ ପୋଖରୀ ଯଟେଶ୍ୱର ଓ ଗୋଦାବରୀରେ ବର୍ଷା ହେଲେ ଉକ୍ତ ମଇଳା, ଆବର୍ଜନା ମିଶେ। ଯଟେଶ୍ୱର, ନୃସିଂହ, ଜଗନ୍ନାଥଠାରେ ଏହି ଦୂଷିତ ଜଳ ଦେବନୀତି ହୁଏ। ନିକଟରେ ଥିବା ବୃନ୍ଦାବତୀ ଉଚ୍ଚ ପ୍ରାଥମିକ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ମା ଭରାଣ୍ଡୀ ଦେବୀଙ୍କ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଓ ଭକ୍ତମାନଙ୍କ ଲାଗି ସମସ୍ୟା ଉପୁଜୁଛି। ତେଣୁ ପୂର୍ବ ଯୋଜନାକୁ ପୁନଃ କାର୍ଯ୍ୟକାରିତା ଲାଗି ପ୍ରକଳ୍ପ ନିର୍ଦ୍ଦେଶକ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲାପାଳଙ୍କ ନିକଟକୁ ପତ୍ର ଲେଖିଛନ୍ତି। ବିଭୂତି ଭୂଷଣ ଜେନା, ଶ୍ରୀନିବାସ ଜେନା, ପ୍ରକାଶ ଚନ୍ଦ୍ର ବିଷୋୟୀ, ଅଶୋକ କୁମାର ଜେନା, ପ୍ରଶ୍ନ ବିଷୋୟୀ, ଚିତ୍ତରଞ୍ଜନ ଜେନା, ହରପ୍ରସାଦ ବିଷୋୟୀ, ଜଗଦୀଶ୍ୱର ସାହୁ, ମନମୋହନ ଜେନା ଓ ବହୁ ସହରବାସୀ ପାର୍କ ନିର୍ମାଣ ଲାଗି ଦାବି କରିଛନ୍ତି।

# ମରୁଡ଼ି ଅଞ୍ଚଳ ପରିଦର୍ଶନ କଲେ ରାଜ୍ୟ ଭାଜପା ଟିମ୍



ଉପସ୍ଥିତ ଭାଜପା ପ୍ରତିନିଧି ଦଳ।

**ବୁଗୁଡ଼ା,୮।୯(ଡି.ଏନ.ଏ.)**

ରାଜ୍ୟ ଭାଜପାର ଏକ ଟିମ ସୋମବାର ବୁଗୁଡ଼ା ବ୍ଲକ ଗସ୍ତରେ ଆସି ମରୁଡ଼ି ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ଏମ୍‌ପି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆସିଥିବା ଭାଜପାର ଏହି ପ୍ରତିନିଧି ଦଳକୁ ପ୍ରଥମେ ଗଞ୍ଜାମ ଜିଲା କରସିଙ୍ଗି ଠାରେ ସ୍ଥାନୀୟ ଭାଜପା ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା କୃଷକ ମୋର୍ଚ୍ଚା ସଭାପତି ଭଗବାନ ପଣ୍ଡା, ଗଙ୍ଗାଧର ନାୟକ, କରଚୁଲି ମଣ୍ଡଳ ସଭାପତି ବିଷ୍ଣୁ ଚରଣ ପ୍ରଧାନ, ହରିକୃଷ୍ଣ ସାହୁ, ଗୌରଚନ୍ଦ୍ର ପ୍ରଧାନ, ନିରଞ୍ଜନ ଗୌଡ଼, ବିନୋଦ କୁମାର ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ପ୍ରତିନିଧି ଦଳକୁ ସ୍ୱାଗତ ଜଣାଇବା ପରେ କରଚୁଲିରେ ଚାପେ ଚର୍ଚ୍ଚା ହୋଇଥିଲା। ପରେ ପ୍ରତିନିଧି ଦଳ ଗୌଡ଼ିଆବୋରଦା ପଞ୍ଚାୟତରେ ପହଞ୍ଚି ଚାଷ ନ ହୋଇ ପଡ଼ିଆ ଖାଲି ପଡ଼ି ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ହୃଦବୋଧ କରିଥିଲେ ଏବଂ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ଅସୁବିଧା, ଅଭିଯୋଗ ଶୁଣିଥିଲେ। ବୁଗୁଡ଼ା ବକୁ ମରୁଡ଼ି ଘୋଷଣା କରିବାକୁ ମଧ ଦାବି ହୋଇଥିଲା।

# ଭଙ୍ଗାଘରେ କଟୁଛି ଅସହାୟ ମା', ଝିଅଙ୍କ ଜୀବନ

## ପ୍ରଧାନମନ୍ତ୍ରୀ ଆବାସ ଗୃହ ସାତସପନ

**ବଲସକୁମ୍ପା,୮।୯**

ଖଜୁରିପଡା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଜାମ୍ବୁ ସାହି ଗ୍ରାମରେ ଗରିବ ହିତାଧିକାରୀ ଆବାସ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ଭଙ୍ଗା ଦଦରା ଘରେ ରହୁଛନ୍ତି ଅସହାୟ ମହିଳା ଯମୁନା କହଁର (୫୬) ଓ ଦୁଇ ଝିଅ। ଜଣେ ମାନସିକ ବିକାରଗ୍ରସ୍ତ ଝିଅ ବିନତି କହଁର (୨୫) ଓ ଆଉ ଜଣେ ସ୍ୱର୍ଣ୍ଣ କହଁର। ସରକାରୀ ସହାୟତା କହିଲେ ଦୀର୍ଘ ବର୍ଷ ତଳେ ଇନ୍ଦିରାବାସ ଗୃହ ଖଣ୍ଡେ ମିଳିଥିଲା। ସେହି ଘରେ ମୂଳ ମଜୁରୀ କରି ସରକାରୀ ରାସନ କାର୍ଡରେ ଚାଉଳ ୧୫ କେଜି ଓ ଭତ୍ତା ୫୦୦ ଟଙ୍କା ଲେଖାଏ ୧୦୦୦ ଟଙ୍କା ପାଇ ସେଥିରେ ବହୁ କଷ୍ଟରେ ଚଳୁଥିଲେ। କିନ୍ତୁ ୨୦୨୦ ଅଗଷ୍ଟରେ ଲଘୁଚାପ ବର୍ଷାରେ ପୁରୁଣା ଟିଣ ଛପର ଘର ଭାଙ୍ଗିଗଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ତା'ପରେ ଖଜୁରିପଡ଼ା ତହସିଲଦାର ସପ୍ନିତା ନାୟକ ପହଞ୍ଚି କ୍ଷୟକ୍ଷତି ଆକଳନ କରି ବିଡ଼ିଓ ରବୀନ୍ଦ୍ରନାଥ କହଁର ଏବଂ ଜିଲାପାଳଙ୍କୁ ଚିଠି କରିଥିବା ପ୍ରତିକ୍ରିୟା ଦେଇଥିଲେ। ତେଣୁ ସେହି ସମୟରେ ପ୍ରଶାସନ ତରଫରୁ କେବଳ ଖଣ୍ଡେ ପଲିଥିନ୍ ଏବଂ ସହାୟତା ୩୫୦୦ ଟଙ୍କା ଦେଇ ଆଜି ପର୍ଯ୍ୟନ୍ତ ନୀରବ ରହିଲା ପ୍ରଶାସନ। ବର୍ତ୍ତମାନ କାନ୍ଥ ସବୁ ଭୁଶୁଡ଼ି ପଡ଼ିଛି। ଭଙ୍ଗା ଘରେ ଅତି ଦୁଃଖରେ ଖରା, ବର୍ଷା, ଶୀତ କଷ୍ଟ ପାଇ ରହୁଛନ୍ତି ମା' ଓ ଝିଅ। ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ୩୫ କିଲୋ ଚାଉଳ ଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ତାହା ମଧ ମିଳିପାରିଲା ନାହିଁ। ଏବେ ମନ୍ଦିରରେ ଭିକ୍ଷା ମାଗି ଚଳୁଥିବା ବେଳେ କେବେ କାହା ଘରୁ ତୋରାଣି ଭାତ ମାଗି ଯାଚି ଚଳନ୍ତି। ଏହି ଅସହାୟ ପରିବାରକୁ ସହାୟତା ପାଇଁ ପୂର୍ବରୁ ଗ୍ରାମରେ ଶିକ୍ଷିତ ଯୁବକ ଓ ଅନ୍ୟମାନେ ପ୍ରଶାସନର ଦ୍ୱାରସ୍ଥ ହୋଇ ନିବେଦନ କରିଥିଲେ ମଧ ଆଜି ଯାଏ କୌଣସି ପ୍ରକାର ସହାୟତା ମିଳିନାହିଁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଅସହାୟଙ୍କ ପ୍ରତି ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସିଙ୍କ ସହ ଯମୁନା କହଁର ସରକାରଙ୍କୁ ଅନୁରୋଧ କରିଛନ୍ତି। ଜିଲାପାଳ ଏହି ଗରିବ ଅସହାୟ ପରିବାରକୁ ଘର ଖଣ୍ଡେ ଏବଂ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



ଭଙ୍ଗା ଘରେ ମା ଓ ଝିଅ।

# ପଞ୍ଜୀକରଣରୁ ବଞ୍ଚିତ ଅଧିକାଂଶ ଚାଷୀ

**ଶେରଗଡ଼,୮।୯(ଡି.ଏନ.ଏ.)**

ମଣ୍ଡି ଜରିଆରେ ଧାନ ବିକ୍ରି ପାଇଁ ଚାଷି ପଞ୍ଜୀକରଣ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ରହିଥିଲା। ୧୫ ସମବାୟ ସମିତି ଜରିଆରେ ୧୩ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିଲେ। ୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରି ନଥିବାରୁ ସେମାନେ ପଞ୍ଜୀକରଣ କେନ୍ଦ୍ର ଓ କୃଷି ବିଭାଗକୁ ଦୌଡୁଛନ୍ତି। ପଞ୍ଜୀକରଣ କେବଳ ନେଟ ଜୋନ ବା ସମବାୟ ସମିତିମାନଙ୍କ ଦ୍ୱାରା ହେଉଥିଲା। ବର୍ତ୍ତମାନ ତାର ଶେଷ ତାରିଖ ସରିଯାଇଥିବାରୁ ସରକାର ପୁଣି ପଞ୍ଜିକରଣ ପାଇଁ ତାରିଖ ଘୋଷଣା କଲେ ଚାଷୀମାନେ ପଞ୍ଜୀକରଣ କରିପାରିବେ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ପଞ୍ଜୀକରଣ ନ ହେଲେ ଚାଷୀ ଧାନ ବିକ୍ରି କରିପାରିବେ ନାହଁ ବୋଲି ସୂଚନା ମିଳିବା ପରେ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ତେଣୁ ପୁଣି ପଞ୍ଜୀକରଣ ପ୍ରକିଆ ଆରମ୍ଭ କରାଯାଉ ବୋଲି ଚାଷୀ ବଳରାମ ରାଉତ କହିଛନ୍ତି। ଏହା କଲେ ବ୍ଲକର ୫୦୦୦ରୁ ଅଧିକ ଚାଷି ଉପକୃତ ହେବେ ବୋଲି ଚାଷୀମାନେ କହିଛନ୍ତି।

# ଜଙ୍ଗଲରେ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା

**ଦିଗପହଣ୍ଡି,୮।୯(ଡି.ଏନ.ଏ.)**

## ମହିଳାଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ

ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ କେ.ନୂଆଗାଁ ପୋଲିସ ବୁଧବାର ସ୍ୱାମୀଙ୍କୁ ଅଟକ ରଖିଛି। ସେ ହେଲେ ଦିଗପହଣ୍ଡି ବ୍ଲକ ମେଘଝୋଲିର କୁରେଶୁ ଗୌଡ। ଗୁରୁବାର ଅଭିଯୁକ୍ତଙ୍କୁ ନଂ. ୧୭୦/୨୧ରେ କୋର୍ଟ ଚାଲାଣ କରାଯିବ। ଗତ ସୋମବାର ଝିଲି ଗୌଡଙ୍କ ଗଳିତ ମୃତଦେହକୁ ବଡପଦା ଗାଁ ଉଦୟ ନାଥେଶ୍ୱର ଶୈବପୀଠ ରାମନଦୀ ତଟବର୍ତ୍ତି ଦୁର୍ଗମ ମେଣ୍ଢା କାଟି ଜଙ୍ଗଲରୁ କେ. ନୂଆଗାଁ ପୋଲିସ ଜବତ କରିଥିଲା। ମୃତଦେହ ପଚିଯାଇଥିବାରୁ ମହିଳାଙ୍କ ହାତରେ ତାଙ୍କ ନାଁ ଟାଟୁ ଦେଖି ପୋଲିସ ଚିହ୍ନଟ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଥିଲା। ମେଘଝୋଲି ଗାଁର ଝିଲିଙ୍କ ସ୍ୱାମୀ କୁରେଶୁ ଫେରାର ଥିବାରୁ ତାଙ୍କ ପ୍ରତି ପୋଲିସର ସନ୍ଦେହ ବଢିଥିଲା। କୁରେଶୁ ଗଜପତି ଜିଲା ଗୋବିନ୍ଦପୁର ଗାଁରେ ୨ୟ ବିବାହ କରିଥିବା ଏବଂ କିଛିଦିନ ପୂର୍ବରୁ ତାର ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିବା ଜଣାପଡିଥିଲା। ଘଟଣା ଦିନ ରାତି ପ୍ରାୟ ସାଢ଼େ ୨ ଟାରେ ପୋଲିସ ଟିମ୍ ତାଙ୍କ ଶ୍ୱଶୁର ଘରେ ଚଢ଼ାଉ କରି କୁରେଶୁଙ୍କୁ କେ.ନୂଆଗାଁ ଥାନାକୁ ଉଠାଇ ଆଣିଥିଲେ। ପଚରା ଉଚୁରା ପରେ ସେ ହିଁ ଝିଲିଙ୍କୁ ତଣ୍ଟି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଅଧିକ ଯୌତୁକ ଦାବି କରି ଝିଲିଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ନିର୍ଯ୍ୟାତନ ଦେଇଥିବା ଅଭିଯୋଗ ହୋଇଥିଲା। ସ୍ୱାମୀଙ୍କ ନିର୍ଯ୍ୟାତନା ଅସହ୍ୟ ହେବାରୁ ଝିଲି ବାଧହୋଇ ସ୍ୱାମୀଙ୍କୁ ମାଡ଼ ମାରି ଆହାତ କରିବାକୁ କେତେଜଣ ବ୍ୟକ୍ତିଙ୍କୁ ଦୁଇ ଦୁଇ ଥର ସୁପାରୀ ଦେଇଥିଲେ। ଏହା ଜାଣି କୁରେଶୁ ସତର୍କ ହୋଇଯାଇଥିଲେ। ପରେ ସ୍ତ୍ରୀଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରିଥିଲେ।

# ଆର୍ଥିକ ସାକ୍ଷରତା, ସ୍ୱଳ୍ପ ସଞ୍ଚୟ କର୍ମଶାଳା

**କବିସୂର୍ଯ୍ୟନଗର,୮।୯(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବନଦେବୀ କଲ୍ୟାଣ ମଣ୍ଡପଠାରେ ଆୟୋଜକ ସଞ୍ଚୟ ସଂଗଠନ ଜିଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ସ୍ୱଳ୍ପ ସଞ୍ଚୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ (ଡିଏସଏସଓ) ଶଙ୍କର୍ଷଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟ ବାଳଦେବ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ କେ.ପୁରୁଷୋତ୍ତମ, ସମ୍ମାନିତ ଅତିଥି ଭାବେ ଆସିକା ଡାକ ବିଭାଗ ପରିଦର୍ଶକ ଲିଙ୍ଗରାଜ ପ୍ରଧାନ, ଆସିକା ମୁଖ୍ୟ ଡାକ ବିଭାଗ ବାଣିଜ୍ୟ ଅଧିକାରୀ ପ୍ରତାପ ସ୍ୱାଇଁ, ବ୍ରହ୍ମପୁର ସ୍ୱଳ୍ପ ସଞ୍ଚୟ ଉପ ଅଧିକାରୀ ସୁମନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆର୍ଥିକ ସାକ୍ଷରତା, ସ୍ୱଳ୍ପ ସଞ୍ଚୟ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ବରିଷ୍ଠ ଏଜେଣ୍ଟ ପ୍ରମୋଦ କୁମାର ମିଶ୍ର, ଅକ୍ଷୟ କୁମାର ଦାସ, ଟିକିନା ସାହୁ, ରବି ରାଉତ ପ୍ରମୁଖ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

# ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ଟିକିଟି,୮।୯(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଟିକିଟି ଫାଣ୍ଡି ଅନ୍ତର୍ଗତ ବଡପଲଙ୍କ ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ପଲଙ୍କ ଗ୍ରାମର ବାୟା ସେଠୀ। ବାୟା ସାଇକେଲରେ ଧାନଘର ଆସି କିଛି ସଉଦା କିଣି ଘରକୁ ଫେରୁଥିବା ବେଳେ ପିତାତଳି ଅଭିମୁଖେ ଯାଉଥିବା ଏକ ବାଇକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ ଆରୋହୀ ମଧ ଗୁରୁତର ହୋଇଥିବା ଜଣାପଡିଛି। ଟିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ମୃତଦେହ ଜବତ କରିଥିଲେ। ବାଇକ ଆରୋହୀଙ୍କୁ ପ୍ରଥମେ ଟିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ବେଆଇନ କ୍ଲିନିକ ସିଲ୍ କଲା ପ୍ରଶାସନ



ବେଆଇନ ଘରୋଇ କ୍ଲିନିକ ଉପରେ ଉପ-ଜିଲାପାଳଙ୍କ ଚଢ଼ାଉ।

**ଆର.ଉଦୟଗିରି,୮।୯(ଡି.ଏନ.ଏ.)**

ଗଜପତି ଉପ-ଜିଲାପାଳ ଦିଲ୍ଲିପ କୁମାର ମହାରଣାଙ୍କ ସହିତ ଜିଲା ମେଡିକାଲ ଭିଜିଲାନ୍ସ ଟିମ୍ ପକ୍ଷରୁ ଚାନ୍ଦିପୁଟରେ ବେଆଇନ ଭାବେ ଚାଲିଥିବା ଏକ ଘରୋଇ କ୍ଲିନିକକୁ ସିଲ୍ କରାଯାଇଛି। ଏଥିସହ କ୍ଲିନିକ୍ ମାଲିକଙ୍କଠାରୁ ଏକ ଚୁକ୍ତିନାମାପତ୍ର ସ୍ୱାକ୍ଷର କରିନେଇଥିବା ଜଣାପଡିଛି। କିଛି ବର୍ଷ ହେଲା ଚାନ୍ଦିପୁଟ ଗ୍ରାମର ଜଣେ ବ୍ୟକ୍ତି ବେଆଇନ୍ ଭାବେ ସରକାରୀ ସ୍ୱୀକୃତି ଓ ପଞ୍ଜିକରଣ ନ ଥାଇ କ୍ଲିନିକ ଚଳାଉଥିଲେ। ଅଭିଯୋଗ ପାଇ ଉପ-ଜିଲାପାଳ ମହାରଣା, ଜିଲା ମେଡିକାଲ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଡ୍ରଗ୍ସ ଇନ୍ସପେକ୍ଟର ପ୍ରଦୀପ ସାହୁ, ମୋହନା ତହସିଲଦାର ସାରଦା ପ୍ରସନ୍ନ ପଣ୍ଡା, ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ତ୍ରିଶୁଳ ସେନାପତି ଚଢାଉ କରି ବେଆଇନ କ୍ଲିନିକକୁ ସିଲ୍ କରିଥିଲେ। କ୍ଲିନିକରେ ବେଆଇନ ଭାବେ ରଖାଯାଇଥିବା କିଛି ଔଷଧ ପ୍ୟାକେଟକୁ ମଧ ଜବତ କରାଯାଇଛି।

# ୱେବ୍ ଚ୍ୟାନେଲ୍ ସମ୍ପର୍କରେ ତଥ୍ୟ ସଂଗ୍ରହ ହେବ: ଏସ୍‌ପି

**ବ୍ରହ୍ମପୁର ଅଫିସ,୮।୯**

ରାଜ୍ୟରେ ଗତ କିଛିଦିନ ହେଲା ୱେବ୍ ଚ୍ୟାନେଲ୍ ନାଁରେ ଉଦ୍ଦେଶ୍ୟମୂଳକ ଖବର ପରିବେଷଣ କରି ଲୋକଙ୍କୁ ହଇରାଣ କରାଯାଉଛି। ବିଭିନ୍ନ ଜିଲାରେ ଏଭଳି ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁରରେ ମଧ ଏଭଳି ଅଭିଯୋଗ ଆସିଛି। କେତେଜଣ ପୋଲିସ ନିକଟରେ ଅଭିଯୋଗ କରୁଥିବା ବେଳେ ଆଉ କେତେଜଣ ଭୟ କରୁଛନ୍ତି। ଯଦି କୌଣସି ବ୍ୟକ୍ତି ଏଭଳି ହଇରାଣର ଶିକାର ହେଉଛନ୍ତି ସେମାନେ ନିର୍ଭୟରେ ପୋଲିସର ସାହାର୍ଯ୍ୟ ନିଅନ୍ତୁ। ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ୍ ଲଗାଇବା ପାଇଁ ବ୍ରହ୍ମପୁର ସହରରେ ଥିବା ୱେବ୍ ଚ୍ୟାନେଲ୍ ସମ୍ପର୍କରେ ସୂଚନା ସଂଗ୍ରହ କରାଯିବ। ସେହିପରି ସମ୍ପୃକ୍ତ ୱେବ୍ ଚ୍ୟାନେଲର ପ୍ରତିନିଧିଙ୍କ ତଥ୍ୟ ସଂଗ୍ରହ କରିବା ପାଇଁ ଥାନା ଅଧିକାରୀମାନଙ୍କୁ କୁହାଯାଇଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ତଥ୍ୟ ସଂଗ୍ରହ ପରେ ଯଦି କାହା ବିରୋଧରେ ବେଆଇନ କିମ୍ବା ଅପରାଧ କାର୍ଯ୍ୟକଳାପ ପ୍ରମାଣ ମିଳେ ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

# କ୍ଷତିପୂରଣ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ

## ପଟ୍ଟା ଜମି ଉପରେ ଯାଇଛି କେନାଲ

**ଖଜୁରିପଡ଼ା/ବଲସକୁମ୍ପା, ୮।୯(ଡି.ଏନ.ଏ.)**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଖଜୁରିପଡ଼ା ବ୍ଲକ ଦୁଟିପଡ଼ା, ବଲସକୁମ୍ପା, ଦୁଟିମେଣ୍ଡି, ନୂଆଗାଁ ପଞ୍ଚାୟତର ଜାଗାରେ ୧୯୭୪- ୭୫ରେ ପିଲାସାଲୁଙ୍କି ଜଳ ଭଣ୍ଡାର ନିର୍ମାଣ କରିଛନ୍ତି। ଯେପରି ଭାବେ ଚାଷୀମାନେ ଖରା, ବର୍ଷା, ଶୀତ ଋତୁରେ ଚାଷବାସ କରି ଲାଭବାନ ହେବେ। ପିଲାସାଲୁଙ୍କି ଜଳ ଭଣ୍ଡାରରୁ ଦୁଇଟି କେନାଲ ମାଧମରେ ଚାଷୀମାନଙ୍କ ଚାଷ ଜମିକୁ ପାଣି ଯୋଗାଇ ଦିଆଯାଇଛି। କିନ୍ତୁ ଯେଉଁ ସବୁ ଜାଗା ଦେଇ କେନାଲ ଯାଇଛି ତାହା ଲୋକମାନଙ୍କ ପଟ୍ଟା ଚାଷ ଜମି ରହିଥିବା ବେଳେ ଆଉ କେତେକ ଜାଗା ସରକାରୀ ଜମି ରହିଛି। ଯେଉଁ ଲୋକମାନଙ୍କ ପଟ୍ଟା ଜମି ଦେଇ କେନାଲ ଯାଇଛି ସେମାନଙ୍କୁ ସରକାର କ୍ଷତିପୂରଣ ଦେଇ ପଟ୍ଟା ଜମି ଅଧିଗ୍ରହଣ କରିଛନ୍ତି। କିନ୍ତୁ ବଲସକୁମ୍ପା ଗ୍ରାମର ଯୁବକ ଗୋକୁଳ ସାହାଣୀଙ୍କ ପଟ୍ଟା ଜମି ଉପରେ କେନାଲ ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି କ୍ଷତି ପୂରଣ ମିଳି ନାହିଁ। ଏ ନେଇ କ୍ଷତି ପୂରଣ ପାଇବା ପାଇଁ ମଙ୍ଗଳବାର ଏକ ଲିଖିତ ଅଭିଯୋଗ ଧରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୋକୁଳଙ୍କ ଅଭିଯୋଗ ପ୍ରକାରେ ତାଙ୍କ ବାପା ମଧୁସୂଦନ ସାହାଣୀ ଏବଂ ବଡ଼ ବାପା ଆସ୍ତିକ ସାହାଣୀଙ୍କ ନାମରେ ଖାତା ନଂ– ୨୦ ଉଗେର ପଟ୍ଟା ଜମି ରହିଛି। ଏହି ଜମିର ପ୍ଲଟ ନମ୍ବର ୧୫୬୬, ୧୫୬୯, ୧୭୦୬ ଉପରେ ପିଲାସାଲୁଙ୍କି ଜଳ ଭଣ୍ଡାରର ବାମ ପାର୍ଶ୍ୱ କେନାଲ ଯାଇଛି। କେନାଲ ନିର୍ମାଣ ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା ତାଙ୍କୁ କ୍ଷତିପୂରଣ ଦିଆଯାଇ ନାହିଁ। ତେଣୁ ସେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି।




ଜିଲାପାଳଙ୍କ ଦ୍ୱାରସ୍ଥ ପାଇଁ ଆସିଥିବା ଜମି ମାଲିକ।

# ୟୁସି ନ ଦେଲେ କଲେଜକୁ ଅନୁଦାନ ବନ୍ଦ

**ଭଞ୍ଜନଗର,୮।୯(ଡି.ଏନ.ଏ)**

ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କଠାରୁ ବିଭିନ୍ନ ବିଭାଗ କୋଟି କୋଟି ଟଙ୍କା ନେଉଥିଲେ ମଧ ନିର୍ଦ୍ଧାରିତ ସମୟରେ ବିନିଯୋଗ ପ୍ରମାଣପତ୍ର (ୟୁସି) ଦେଉନାହାନ୍ତି। ଏହାଦ୍ୱାରା ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହେବାସହ ଅନୁଷ୍ଠାନଗୁଡ଼ିକୁ ଅଧିକ ଅନୁଦାନ ପ୍ରଦାନରେ ସମସ୍ୟା ଦେଖାଦେଉଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗରେ ମଧ ଏହି ସମସ୍ୟା ଦେଖାଦେଇଛି। ଏଣିକି ଯେଉଁ କଲେଜ ନିର୍ଦ୍ଧାରିତ ସମୟରେ ୟୁସି ନ ଦେବେ ସେଗୁଡିକୁ ଅନୁଦାନ ବନ୍ଦ କରିଦିଆଯିବ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକୁ ଦିଆଯାଇଛି। ଚିଠି ମିଳିବାର ୧୪ ଦିନ ମଧରେ ୟୁସି ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ଭଞ୍ଜନଗର ଉପଖଣ୍ଡର କେତକ କଲେଜ ମଧ ଠିକ୍ ସମୟରେ ୟୁସି ଦେଉ ନ ଥିବା ଜଣାପଡ଼ିଛି। ଚିଠିରେ ଉଲ୍ଲେଖ ରହିଛି ଯେ, ୨୦୦୩-୦୪ ଆର୍ଥିକ ବର୍ଷ ଠାରୁ ୨୦୨୦-୨୧ ଆର୍ଥକ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ଅନୁଦାନ ମଧରୁ ପ୍ରାୟ ୧ ହଜାର କୋଟି ଟଙ୍କାର ୟୁସି ବର୍ତ୍ତମାନ ସୁଦ୍ଧା ଅନୁଷ୍ଠାନଗୁଡ଼ିକ ଦେଇନାହାନ୍ତି। ସେଥିମଧ୍ୟରେ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକୁ ଭିତ୍ତିଭୂମି ଉନ୍ନତି ପାଇଁ ଦିଆଯାଇଥିବା ଟଙ୍କା ମଧ୍ୟରୁ ୧୩୬ କୋଟି ୯୫ ଲକ୍ଷ ଟଙ୍କାର ୟୁସି ଦେଇନାହାନ୍ତି। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଆସିଥିବା ଅନୁଦାନ ମଧ୍ୟରୁ ୨୫ କୋଟି ୭୯ ଲକ୍ଷ ଟଙ୍କାର ୟୁସି କଲେଜ ଗୁଡ଼ିକ ଦେଇନାହାନ୍ତି। ବିଜ୍ଞାନାଗାର ଗୁଡ଼ିକର ଉନ୍ନତି ପାଇଁ ଆସିଥିବା ଅନୁଦାନ ମଧ୍ୟରୁ ୧୪ କୋଟି ୫୩ ଲକ୍ଷ ଟଙ୍କାର ୟୁସି ମିଳିନାହିଁ।

## ସଂକ୍ଷେପରେ

### ଦୋଳ ଗୋବିନ୍ଦ ସ୍ମୃତି ସମ୍ମାନ ପାଇଁ ପରମା ପୂଜାରୀ ମନୋନୀତ



ଉମରକୋଟ, ୮।୯ (ସ୍ୱ.ପ୍ର.): ଦଳ ପାଇଁ ସେବା ମନୋଭାବ ରଖି କାମ କରିଥିବା ୨୨ ଜଣଙ୍କୁ ରାଜ୍ୟ କଂଗ୍ରେସ ଦୋଳ ଗବିନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରିବ। ଉମରକୋଟର ପୂର୍ବତନ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ପରମା ପୂଜାରୀଙ୍କୁ ନା ଏଥିରେ ରହିଛି। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ।

### ପିସିସି ସମ୍ପାଦକ ହେଲେ କ୍ଷେମରାଜ୍ ବାଘ



ଚନ୍ଦାହାଣ୍ଡି,୮।୯ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା କଂଗ୍ରେସର ବରିଷ୍ଠ ନେତା କ୍ଷେମରାଜ୍ ବାଘ ପୁଣି ଥରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ବୁଧବାର ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଅନୁମୋଦନ କ୍ରମେ ଜାତୀୟ ସାଧାରଣ ସମ୍ପାଦକ କେ.ସି ବେଣୁ ଗୋପାଳ ଘୋଷଣା କରିଛନ୍ତି। ଏହାପରେ ସେ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଓଡ଼ିଶା ପ୍ରଭାରୀ ଚେଲ୍ଲା କୁମାର, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ସହପ୍ରଭାରୀ ରୁଦ୍ର ରାଜୁ, ଜିଲା ସଭାପତି ମୁନା ତ୍ରିପାଠୀଙ୍କ ସମେତ ଜଲାର ସମସ୍ତ ବରିଷ୍ଠ ନେତୃମଣ୍ଡଳୀ ଓ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନବରଙ୍ଗପୁର ଜିଲାରେ କଂଗ୍ରେସକୁ ଆହୁରି ଦୃଢ଼ କରିବି ବୋଲି ସେ କହିଛନ୍ତି।

### ଆଭାସୀ କବିତା ଆସର

ନବରଙ୍ଗପୁର,୮।୯(ବି.ପ୍ର.): ବନ ସୁରଭି ପ୍ରକାଶନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୧୮ଜଣ ପ୍ରତିଷ୍ଠିତ କବି ଓ କବୟିତ୍ରୀଙ୍କୁ ନେଇ ଏକ ଅଭାସି କାର୍ଯ୍ୟକ୍ରମ(ଅନଲାଇନ କବିତା ଆସର) ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ କବି ବଲ୍ଲଭ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କବି ଓ ଲେଖକ ବିଜୟ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ଶ୍ରୀ ଅରବିନ୍ଦ ଆଶ୍ରମ ସଭାପତି ଇଂ ସନ୍ତୋଷ କୁମାରେ ଗାହାଣ ମୁଖ୍ୟ ଅତିଥି, ନାଟ୍ୟକାର ପ୍ରେମଚାନ୍ଦ ପଟ୍ଟନାୟକ ସମ୍ମାନିତ ଅତିଥି, କବି ଧର୍ମରାଜ ମାଝି ମୁଖ୍ୟବକ୍ତାଭାବେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥିଭାବେ ସାହିତ୍ୟ ସଙ୍ଗଠକ ରାମ ପ୍ରସାଦ ପାତ୍ର, ଅଧାପକ ଅଖିଳ ଭଞ୍ଜ, ବନ୍ଦିତା କର ଓ ରାଧାମଣୀ ସରକାର ଉପସ୍ଥିତ ଥିଲେ। ବନ ସୁରଭି ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମ ଜନସାଧାରଣ ଓ ଯୁବ ପିଢିଙ୍କୁ ଅନେକ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ କବି ପି. ରବିକାନ୍ତ ରଘୁରାମ, ମନୋରୋମା ମହାପାତ୍ର, ସୁଶୋଭିତା ତୁରୁକ, ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ, ସୁବ୍ରତ କୁମାର ମହାନ୍ତି, ସ୍ୱାଗତିକା ବାହିନିପତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ୧୮ ଜଣ କବି କବିତା ଆବୃତି କରିଥିଲେ। କାର୍ଯ୍ୟକ୍ରମ ଶେଷରେ କବୟିତ୍ରୀ ତଥା ଅନୁଷ୍ଠାନର ସମ୍ପାଦିକା ପ୍ରଭାତି ଦେବନାଥ ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟକାରୀ ହେଉନି ସାର୍ବଜନୀନ ଦେୟମୁକ୍ତ ଶୌଚାଳୟ

## ଉଦ୍‌ଘାଟନକୁ ବିତିଲାଣି ୧୦ ମାସ

ଝରିଗାଁ, ୮।୯(ସ୍ୱ.ପ୍ର.)

ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଲୋକଙ୍କ କାର୍ଯ୍ୟରେ ଲାଗୁନାହିଁ। ଝରିଗାଁ ବସ୍‌ଷ୍ଟାଣ୍ଡରେ ଥିବା ଏକ ଶୌଚାଳୟ ରହିଛି। ଏହାର ଉଦ୍‌ଘାଟନକୁ ମଧ ଇତିମଧରେ ୧୦ମାସ ବିତିଗଲାଣି। ତଥାପି ତାହା କାର୍ଯ୍ୟକ୍ଷମ ହେଇପାରୁନାହିଁ। ଉକ୍ତ ଶୌଚାଳୟ କାର୍ଯ୍ୟକ୍ଷମ କରିବା ଦିଗରେ ଅଧିକାରୀଙ୍କ ଆନ୍ତରିକତା ଅଛି କି ନାହିଁ ତାହା ଏବେକାର ସବୁଠୁ ବଡ଼ ପ୍ରଶ୍ନ।

ଲୋକଙ୍କ ସୁବିଧା ପାଇଁ ଝରିଗାଁ ବ୍ଲକ ସଦର ମହକୁମାରେ ଗତ ବର୍ଷ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଛକରେ ଥିବା ଯାତ୍ରୀ ଆଶ୍ରୟସ୍ଥଳୀ ଗୃହରେ ମହିଳା ଏବଂ ପୁରୁଷଙ୍କ ପାଇଁ ଶୌଚାଳୟ ତିଆରି କରାଯାଇଛି। ନଭେମ୍ବର ୬ରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ ତତ୍କାଳୀନ ବିଡିଓଙ୍କୁ ଅତିଥିମାନେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉଦ୍‌ଘାଟନର ୧୦ମାସ ମଧ୍ୟରେ ୨ଜଣ ବିଡିଓ ଏଠାରୁ ବଦଳି ହୋଇସରିଲେଣି। ଏହା ମଧ୍ୟରେ ଉକ୍ତ ଶୌଚାଳୟଟି ଲୋକଙ୍କ ପାଇଁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଝରିଗାଁ ଦେଇ ବସ୍ କିମ୍ବା ଅନ୍ୟ କୌଣସି ଗାଡିରେ ଯାତାୟାତ କରୁଥିବା ଲୋକେ ଶୌଚ କିମ୍ବା ପରିସ୍ରା କରିବା ନେଇ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏନେଇ ସ୍ଥାନୀୟ ବିଡିଓ ସତ୍ୟନାରାୟଣ ମେହେରଙ୍କୁ ପଚାରିବାରୁ ଏବେ ନୂଆ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ଏ ଦିଗରେ ତଦନ୍ତ କରିବେ। ଶୌଚାଳୟଟି କିପରି ଶୀଘ୍ର ଲୋକଙ୍କ କାର୍ଯ୍ୟରେ ଲାଗିବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।




ବସ୍‌ଷ୍ଟାଣ୍ଡ ଯାତ୍ରୀ ଆଶ୍ରୟସ୍ଥଳରେ ଥିବା ଶୌଚାଳୟ।

# ସମସ୍ତଙ୍କୁ ସଚେତନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ଜୟପୁର , ୮।୯(ନି.ପ୍ର.)

ବିଶ୍ୱ ସାକ୍ଷରତା ଦିବସ ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଡେଙ୍ଗୁ, ମ୍ୟାଲେରିଆ ଏବଂ କୋଭିଡ୍-୧୯ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମନୋଜ କୁମାର ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ରେଡ୍‌କ୍ରସ୍ ସାଧନ କର୍ମୀ ଶୁଭସ୍ମିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ନିଜେ ସଚେତନ ହେବା ସହ ସହପାଠୀ, ପଡ଼ୋଶୀ ଏବଂ ଗ୍ରାମବାସୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଏବଂ କରୋନା ସମ୍ପର୍କରେ ସଚେତନ କରିବା ପାଇଁ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ତଥା ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କୋଭିଡ୍-୧୯ର ସମସ୍ତ ସତର୍କତା ଅବଲମ୍ବନ କରିବା ପାଇଁ ମଧ କହିଥିଲେ। ପ୍ରଧାନ ଶିକ୍ଷକ ମିଶ୍ର ବିଶ୍ୱ ସାକ୍ଷରତା ଦିବସ ଉପରେ ଆଲୋକପାତ କରିଥିଲେ। କୋଭିଡ୍-୧୯ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଶେଷରେ ରେଡ୍‌କ୍ରସ୍ ପରାମର୍ଶଦାତା ସୁଜିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଇଲାରି ପଞ୍ଚାୟତରେ ଶତ ପ୍ରତିଶତ ଟିକାକରଣ

ଡାବୁଗାଁ, ୮।୯(ଡି.ଏନ୍.ଏ.)

ଡାବୁଗାଁ ବ୍ଲକର କୋଇଲାରି ପଞ୍ଚାୟତରେ ଶତ ପ୍ରତିଶତ କରୋନା ଟିକାକରଣ କରାଯାଇଛି। ଆଦିବାସୀ ଅଞ୍ଚଳରେ ଲୋକେ ଟିକା ନେବାକୁ ଡରୁଥିବାବେଳେ ଏହି ପଞ୍ଚାୟତ ଏବେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛି।

ନବରଙ୍ଗପୁର ଜିଲା ଅଧୀନ ଡାବୁଗାଁ ବ୍ଲକର କୋଇଲାରି ଗ୍ରାମପଞ୍ଚାୟତର ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ରେଭ୍, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ମିଳିତ ଉଦ୍ୟମରେ ଏହି ସଫଳତା ମିଳିଛି। କୋଇଲାରି ପଞ୍ଚାୟତ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟଖସଡ଼ା ପ୍ରସ୍ତୁତକରି ଟିକାକରଣକୁ ସଫଳ କରିପାରିଛି। କରୋନା ଟିକାକରଣ କାର୍ଯ୍ୟରେ ନିଯୋଜିତ ସମସ୍ତ କର୍ମୀଙ୍କୁ ନେଇ ବାରମ୍ବାର ପଞ୍ଚାୟତସ୍ତରରେ ବୈଠକ କରି ସ୍ଥିତି ନିର୍ଦ୍ଧାରଣ କରାଯାଇଛି। ଏଥିସହ ସ୍ରେଭ୍ ଅନୁଷ୍ଠାନର କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ସମସ୍ତ ଆଶା ଓ ଅଙ୍ଗନୱାଡି କର୍ମୀ ଘର ଘର ବୁଲି ଲୋକମାନଙ୍କୁ ଟିକାକରଣ ସମ୍ପର୍କରେ ବୁଝାଇଥିଲେ। ଏହାଦ୍ୱାରା ଲୋକମାନଙ୍କ ମନରେ କରୋନା ଟିକା ଉପରେ ଥିବା ଅନ୍ଧବିଶ୍ୱାସ ଦୂରହୋଇଥିଲା। ଲୋକମାନେ ଟିକା ନେବାପାଇଁ ଆଗ୍ରହ ପ୍ରକାଶ କରିଥିଲେ। ସରପଞ୍ଚ ଆବଶ୍ୟକ ଟିକା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ପଞ୍ଚାୟତକୁ ଟିକାର ବ୍ୟବସ୍ଥା କରାଇଥିଲେ।



ଜଣେ ବ୍ୟକ୍ତିଙ୍କୁ ଟିକା ଦିଆଯାଉଛି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପଟ୍ଟାଙ୍ଗୀ, ୮।୯(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସୁଙ୍କି ଫାଣ୍ଡି ଅଧୀନ ଲାଉଡି ଗ୍ରାମରେ ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଯୁବକଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକ ହେଲେ ଲାଉଡି ଗାଁର ରାଜା ଖରା। ରାଜାଙ୍କ ସାଙ୍ଗମାନେ ଆନ୍ଧ୍ରରୁ ଆସି ଦିନ ତମାମ ଲାଉଡି ଗ୍ରାମରେ ବୁଲାବୁଲି କରିଥିଲେ। ସେମାନେ ଅପରାହ୍ନ ୩ଟା ପରେ ଗ୍ରାମ ନିକଟସ୍ଥ ଏକ ଖେଳ ପଡିଆକୁ ରାଜାଙ୍କୁ ଡାକି ନେଇଥିଲେ। ରାଜାଙ୍କ ସହ ଗାଁର ଅନ୍ୟ ଜଣେ ଯୁବକ ମଧ ସେଠାକୁ ଯାଇଥିଲେ। ଉକ୍ତ ଯୁବକ ପାଣି ଆଣିବାକୁ ଘରକୁ ଆସିଥିଲେ। ଏହାର କିଛି ସମୟ ପରେ ରାଜା ଘର ଲୋକଙ୍କୁ ଫୋନ କରିଥିଲେ। ମୋର ବେକ କାଟି ଦେଇଛନ୍ତି ଏବଂ ମତେ ମାରି ଦେବା କୁ ଉଦ୍ୟମ କରୁଛନ୍ତି କହି ସେ ଫୋନ କାଟି ଦେଇଥିଲେ ବୋଲି ରାଜାଙ୍କ ମାଉସୀ ପୁଅ ରାମ କୃଷ୍ଣ ବାଘ କହିଛନ୍ତି। ଖବରପାଇ କେତେଜଣ ଘଟଣା ସ୍ଥଳରେ ପହଞ୍ଚି ଥିଲୁ। ଆନ୍ଧ୍ରରୁ ଆସିଥିବା ପିଲାମାନେ ପଳାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଧରାପଡିଥିଲେ। ତାଙ୍କୁ ପୋଲିସ ଜିମା ଦେଇଛୁ ବୋଲି ରାମକୃଷ୍ଣ କହିଛନ୍ତି। ସୁଙ୍କି ଫାଣ୍ଡି ଏସ୍‌ଆଇ ସଂଗ୍ରାମ କେଶରୀ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ସେ କହିଛନ୍ତି।

# ପୋଷଣ ସପ୍ତାହରେ ଖାଦ୍ୟ ପ୍ରଦର୍ଶନୀ




ଖାଇବା ଷ୍ଟଲରେ ଯୁବତୀଙ୍କ ଭିଡ଼।

କୋରାପୁଟ,୮।୯(ସ୍ୱ.ପ୍ର.)

କୋରାପୁଟ ମୁନିସିପାଲଟିର ପରଜା ସାହିରେ ବୁଧବାର ଜାତୀୟ ପୁଷ୍ଟିକର ପୋଷଣ ସପ୍ତାହ ଉପଲକ୍ଷେ ଏକ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ କରାଯାଇଛି। ଓଡିଶା ମିଲେଟ ମିଶନ, ମିଶନ ଶକ୍ତି ଓ କେଏଫ୍‌ଏର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଦ୍ୟୁତଲତା ପାତ୍ର, କୋରାପୁଟ ସିଡିପିଓ ସୁଷମା ମହାପାତ୍ର ଅତିଥିଭାବେ ଯୋଗଦେଇ ଏହି ପ୍ରଦର୍ଶନୀ ଶୁଭାରମ୍ଭ କରିଥିଲେ। ଏଥିସହ ଅତିଥିମାନେ ପୋଷଣ ସପ୍ତାହର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ମାଣ୍ଡିଆ, ସୁଆଁ, ବାଜରା ଆଦି ଶସ୍ୟରେ ପ୍ରସ୍ତୁତ ବିଭିନ୍ନ ପିଠା ଓ ଲଡୁକୁ ବିଭିନ୍ନ ସ୍ୱୟଂ ସହାୟିକା ମହିଳାମାନେ ପ୍ରଦର୍ଶନ କରିଥିଲେ। ଏସବୁ ପୁଷ୍ଟିକର ପୋଷଣ ଖାଦ୍ୟ ଅପପୁଷ୍ଟି ଶିକାର ଶିଶୁ, ଛାତ୍ରୀ, ମହିଳାମାନେ କିପରି ଖାଇବେ ସେ ଦିଗରେ ଉପସ୍ଥିତ ଅତିଥିମାନେ ବିସ୍ତୃତ ଭାବେ ବୁଝାଇଥିଲେ। ଉକ୍ତ ଖାଦ୍ୟଗୁଡିକୁ ଖାଇବା ସହ ତାର ଉପକାରିତା ସମ୍ପର୍କରେ ଅତିଥି ଉପସ୍ଥିତ ସାହିବାସିନ୍ଦାଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ଲିଲି ବୁରୁଡି, ସ୍ୱାସ୍ଥ୍ୟ କର୍ମଚାରୀ ଚିନ୍ମୟୀ ଦାସ, ସୁପର ଭାଇଜର ସାବିତ୍ରୀ ସାହୁ, ଯୋଗ ଶିକ୍ଷକ ରେଜ୍ଜନା ରଥ, ସୁନାରୀ ସାହିର ଅଙ୍ଗନୱାଡି କର୍ମୀ ଗୀତା ବେହେରା, ଢେପସାହିର ଅଙ୍ଗନୱାଡି କର୍ମୀ ଲଳିତା ମାଝି ଓ ପରଜାସାହି ଅଙ୍ଗନୱାଡି କର୍ମୀ ଯଗିନା ନାଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କେଏଫଏ ସମ୍ପାଦକ ଶରତ ପଟ୍ଟନାୟକ ଓ ରଘୁନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅର୍ଥାଭାବ ଛଡ଼ାଇ ନେଉଛି ଶୈଶବର ଖୁସି

- ଶେଯରେ ପଡି କଟୁଛି ସୀମନଙ୍କ ଜୀବନ
- ଚିକିତ୍ସା ଖର୍ଚ୍ଚ ଯୋଗାଇଦେବାକୁ ମା' ବାପାଙ୍କ ନିବେଦନ

ନନ୍ଦାହାଣ୍ଡି,୮।୯(ଡି.ଏନ୍.ଏ.)

ଖେଳକୁଦ ବୟସରେ ଶେଯରେ କଟୁଛି ଦିନ। ନିଜ ବୟସର ପିଲାଙ୍କ ପରି ଦୌଡ଼ କୁଦ କରିବାତ ଦୂରର କଥା ଠିକ୍ ସେ ଠିଆ ମଧ ହୋଇପାରୁ ନାହାନ୍ତି। ଛୁଆଟିକୁ ଡାକ୍ତର ପାଖକୁ ନେବାକୁ ମଧ ମା' ବାପାଙ୍କ ପାଖରେ ଅର୍ଥାଭାବ। ସରକାର ଆମ ପୁଅ ସୀମନକୁ ଚିକିତ୍ସା ସୁବଧା ଯୋଗୀ ଦିଅନ୍ତୁ ବୋଲି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଆଦିବାସୀ ବହୁଳ ଗାଁ ସରୁଗୁଡାର ଟଙ୍କ ହରିଜନ ଓ ତାଙ୍କ ସ୍ତ୍ରୀ ପଦ୍ମିନୀ।

ଦୁଇ ପୁଅଙ୍କୁ ନେଇ ଟଙ୍କ ଓ ପଦ୍ମିନୀଙ୍କ ପରିବାର। ବଡ ପୁଅ ସୀମନ ହରିଜନକୁ ଏବେ ୮ ବର୍ଷ। ସେ ଏବେ ଶର୍ଯ୍ୟାଶାୟୀ। ଟଙ୍କ ହରିଜନ ପେଷାରେ ଜଣେ ନିର୍ମାଣ ଶ୍ରମିକ। ଦିନକୁ ୨୦୦ରୁ ୩୦୦ ଟଙ୍କା ରୋଜଗାର। ମା ପଦ୍ମିନୀ କୌଣସି କାମ କୁ ନ ଯାଇ ନିଜ ପୁଅକୁ ଦିନ ତମାମ ଜଗି ରହିବାକୁ ବାଧ ହେଉଛନ୍ତି। ପୁଅର ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବହୁବାର ନେଇଛନ୍ତି। ଅଧିକ ଚିକିତ୍ସା ପାଇଁ କୌଣସି ବଡ ଡାକ୍ତରଖାନାକୁ ନେବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। କିନ୍ତୁ ଅର୍ଥାଭାବରୁ ନିଜ ପୁଅକୁ ଚିକିତ୍ସା କରାଇବା ସମ୍ଭବପର ହୋଇପାରୁନଥିବା କହିଛନ୍ତି ଟଙ୍କ। ସୀମନଙ୍କୁ ଏବେ ମାତ୍ର ୭୦୦ ଟଙ୍କା ଭତ୍ତା ମିଳୁଛି। ଯାହାକି ତାର ମାସିକ ଖାଇବା ଖର୍ଚ୍ଚଠୁ ବି ବେଶ୍ କମ୍। ଏବେ ସିମନ ଛୋଟ ଥିବା ବେଳେ ତାକୁ ଉଠେଇ ତାର ସମସ୍ତ କାର୍ଯ୍ୟ କରିବାରେ ବିଶେଷ ଅସୁବିଧା ହେଉନଥିବା ବେଳେ ସେ ବଡ ହେଲେ ତାଙ୍କୁ ଉଠେଇ କାମ କରିବା କଷ୍ଟସାଧ ହେବ। ସ୍ୱଳ୍ପ ରୋଜଗାରରେ ପରିବାର ପ୍ରତିପୋଷଣ କରିବେ ନା ପୁଅର ଚିକିତ୍ସା କରିବେ ଚିନ୍ତାରେ ଦିନ କାଟୁଛନ୍ତି ପରିବାର ଲୋକେ। କୌଣସି ବଡ ଡାକ୍ତରଖାନାରେ ସରକାରୀ ଖର୍ଚ୍ଚରେ ପୁଅର ଚିକିତ୍ସା ବ୍ୟବସ୍ଥା କରେଇଦିଅନ୍ତୁ ବୋଲି କୋହଭରା କଣ୍ଠରେ ତାଙ୍କ ମା ଆକୁଳ ନିବେଦନ କରିଛନ୍ତି। ଏ ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୀଷା ରଥଙ୍କୁ ପଚାରିବାରୁ ଜିଲା ବିକଳାଙ୍ଗ ପୁନର୍ବାସ କେନ୍ଦ୍ରରେ ଯୋଗାଯୋଗ କରିବି। ଆବଶ୍ୟକସ୍ଥଳେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନେଇହେବ ବୋଲି ସେ ସୂଚନା ଦେଇଛନ୍ତି।



ମା' ପଦ୍ମିନୀଙ୍କ କୋଳରେ ସୀମନ।

# ପୋଖରୀରେ ବୁଡି ଯୁବତୀଙ୍କ ମୃତ୍ୟୁ

ଝରିଗାଁ, ୮।୯(ସ୍ୱ.ପ୍ର.)

ଗାଧୋଇବା ସମୟରେ ପୋଖରୀରେ ବୁଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଏକମ୍ବା ପଞ୍ଚାୟତ ଝାରବନ୍ଧ ଗ୍ରାମର ରାଧା ସାନ୍ତା (୨୦)। ରାଧା ବୁଧବାର ସକାଳେ ଗାଁ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ତାଙ୍କର ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ସେଠାରେ ଗାଧଉଥିବା ମହିଳାମାନେ ଗ୍ରାମବାସୀଙ୍କ ସହାୟତାରେ ରାଧାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ସମୟ ବେଳକୁ ରାଧାଙ୍କ ମୃତ୍ୟୁ ହୋଇସାରିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କରୋନାରେ ଜଣେ ମୃତ, ୬ ଆକ୍ରାନ୍ତ

କୋରାପୁଟ,୮।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ ବୁଧବାର ପୁଣି ଜଣଙ୍କର କରୋନାରେ ମୃତ୍ୟୁ ହୋଇଯାଇଛି। ସେହିଭଳି ୬ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି। ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ୩ ଜଣ ମହିଳା ଓ ୩ ଜଣ ପୁରୁଷ ଅଛନ୍ତି। ସେମାନଙ୍କ ମଧ୍ୟରେ କୋରାପୁଟ ମୁନିସିପାଲଟି ଅଞ୍ଚଳରୁ ୪, ସୁନାବେଡା ମୁନିସପାଲଟି ଅଞ୍ଚଳରୁ ୨ ଜଣ ଅଛନ୍ତି। ବୁଧବାର ମୃତ୍ୟୁକୁ ମିଶାଇ କୋରନାରେ ଜିଲାର ମୋଟ ମୃତ୍ୟୁ ସଂଖ୍ୟା ୭୬କୁ ବୃଦ୍ଧିପାଇଛି। ସେହିଭଳି ପଜିଟିଭ ସଂଖ୍ୟା ୧୮୯୬୮ରେ ପହଞ୍ଚିଛି। ଅନ୍ୟପକ୍ଷେ ବୁଧବାର ଜିଲାରୁ ୩ ଜଣ ସୁସ୍ଥ ହୋଇଥିବାବେଳେ ମୋଟ ସୁସ୍ଥ ସଂଖ୍ୟା ୧୮୮୬୮କୁ ବୃଦ୍ଧିପାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୮ ଲକ୍ଷ ୩୫ ହଜାର ୧୮୦ ଜଣଙ୍କୁ କୋଭିଡ ଟିକା ଦିଆଯାଇଥିବାବେଳେ ବର୍ତ୍ତମାନ ଜିଲାରେ ୨୪ ଟି ଆକ୍ଟିଭ କେସ ରହିଥିବା ପ୍ରଶାସନ ପକ୍ଷରୁ ଜଣାଯାଇଛି।

# ୪ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୮।୯(ବି.ପ୍ର.)

ଦୁଇଟି ବଳତ୍କାର ଓ ଗୋଟିଏ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଗିରଫ ୪ ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ନରସିଂହ ତ୍ରିପାଠୀ, ପ୍ରଫୁଲ୍ଲ ସିଂ, ଶେଖ ବାବା ଆଲିସା, ସଞ୍ଜୀବ ଭକ୍ତ ଓ ଆସାର ଜାନୀ ମାମଲା ପରିଚାଳନା କରୁଥିଲେ।

ସୂଚନାନୁଯାୟୀ, ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଏବଂ ମନୋଜ ନାୟକ ସ୍କୁଲର ଏକ କୋଠରୀରେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ପୀଡିତାଙ୍କ ବାପା ଡାବୁଗାଁ ଥାନାରେ ୨୦୨୦ ଜାନୁୟାରୀ ୬ରେ ଏତଲା ଦେଇଥିଲେ। ପୋଲିସ କେସ ନମ୍ବର ୦୨/୨୦ରେ ମାମଲା ରୁଜୁ କରି ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। ଏହି ଘଟଣାରେ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରଣୟ କୁମାର ଦାଶ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେହିଭଳି ଜଣେ ନାବାଳିକାଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ରଖିବି କହି କୋଡିଙ୍ଗା ଥାନା ଅଧୀନ ସାନଗୁମୁଡା ଗାଁର ଚନ୍ଦ୍ର ମାଝି ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ସେ ଗର୍ଭବତୀ ହେବା ପରେ ଚନ୍ଦ୍ରକୁ ବିବାହ କରିବାକୁ ଅନୁରୋଧ କରିଥିଲେ। ଚନ୍ଦ୍ର କିନ୍ତୁ ଏଥିରେ ରାଜି ହୋଇ ନଥିଲେ। କୋଡିଙ୍ଗା ଥାନାରେ ନାବାଳିକାଙ୍କ ପକ୍ଷରୁ ୨୦୧୬ ଏପ୍ରେଲ ୧୯ରେ ଏତଲା ଦିଆଯାଇଥିଲା। ପୋଲିସ କେସ ନମ୍ବର ୬୪/୧୬ରେ ମାମଲା ରୁଜୁ କରି କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ୨୦ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସ୍ପେସିଆଲ ଟ୍ରାକ କୋର୍ଟ ଜଜ୍ ଅପର୍ଣ୍ଣା ମହାପାତ୍ର ଚନ୍ଦ୍ର ମାଝିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେହିଭଳି ଝରିଗାଁ ଥାନା ଅଧିନ ଢେପଗୁଡା ଗାଁର ଗୋପାଳ ମୁଦୁଲି ଜଣେ ମହିଳାଙ୍କୁ ବଳତ୍କାର କରିଥିବା ନେଇ ଥାନାରେ ୨୦୧୬ ଡିସେମ୍ବର ୨୮ ତାରିଖ ଦିନ ଅଭିଯୋଗ ହୋଇଥିଲା। ଏନେଇ କେସ ନମ୍ବର ୧୫୬/୧୬ ରୁଜୁ କରି ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। ୧୩ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସ୍ପେସିଆଲ ଟ୍ରାକ କୋର୍ଟ ଜଜ୍ ଅପର୍ଣ୍ଣା ମହାପାତ୍ର ଗୋପାଳଙ୍କୁ ନିର୍ଦ୍ଦେଶରେ ଖଲାସ କରିଛନ୍ତି।

# ମରୁଡ଼ି ଘୋଷଣା, କୃଷିଋଣ ଛାଡ଼ ନେଇ ଦାବି

## ଚନ୍ଦାହାଣ୍ଡିରେ ଭାଜପାର ପ୍ରତିନିଧି ମଣ୍ଡଳୀ

ଚନ୍ଦାହାଣ୍ଡି/ଉମରକୋଟ, ୮।୯(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟ ଭାଜପାର ପୂର୍ବତନ ସଭାପତି ତଥା କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ପ୍ରତିନିଧି ଦଳ ବୁଧବାର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ସେମାନେ ଜିଲାରେ ମରୁଡ଼ି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ୧୨ ଜଣିଆ ଟିମ୍‌ରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ କାମାକ୍ଷା ପ୍ରଧାନ, ସାଧାରଣ ସମ୍ପାଦକ ଭଗବାନ ପଣ୍ଡା, ରାଜ୍ୟ ସମ୍ପାଦକ ବିପଦଭଞ୍ଜନ ଦାଶ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସତ୍ୟବାଦୀ ଚଇନୀ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଦଇତାରି ମାଝି, ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ କୁମାର ଜୈନ, ଜିଲା ଭାଜପା ସଭାପତି ଜଗଦୀଶ ବିଶୋଇ, ଗୌରୀ ମାଝି, ଜିଲା କୃଷକ ମୋର୍ଚ୍ଚା ସଭାପତି ଅରୁଣ ପୂଜାରୀ, ଦିଲୀପ ଦାସ ପ୍ରମୁଖ ଅଛନ୍ତି।

ଚନ୍ଦାହାଣ୍ଡି ଯିବା ବାଟରେ ଉମରକୋଟଠାରେ ବ୍ଲକ ଭାଜପା ପକ୍ଷରୁ ପ୍ରତିନିଧି ଦଳକୁ ସମ୍ବର୍ଦ୍ଧିତ କରାଯାଇଛି। ଆଗାମୀ ନିର୍ବାଚନ ପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ସେମାନେ କହିଥିଲେ। ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘଙ୍କ ସଭାପତିତ୍ୱରେ ଏକ ଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଚାଷୀମାନେ ଠିକ୍ ସମୟରେ କୃଷିଋଣ ପାଉଛନ୍ତି କି ନାହିଁ ସେମାନଙ୍କୁ ଠିକଣା ସମୟରେ ସାର ମିଳୁଛି ନା ନାହିଁ ସେ ସମ୍ପର୍କରେ ନିୟମିତ ବୁଝି ସେମାନଙ୍କୁ ସାହାଯ୍ୟ କରିବାକୁ କଳାହାଣ୍ଡି ଏମ୍‌ପି ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ସେଠାରୁ ଜମାଦାରପଡ଼ା ଯାଇ ଚାଷୀଙ୍କ ଜମି ବୁଲି ଦେଖିଥିଲେ। ଜଳସେଚନ ଅଭାବରେ ଉଜୁଡିଯାଇଥିବା ଚାଷୀଙ୍କ ଧାନ, ମକା କ୍ଷେତ ଦେଖି ପ୍ରତିନିଧି ଦଳ ଉଦ୍‌ବେଗ ପ୍ରକାଶ କରିଥିଲେ। ଚନ୍ଦାହାଣ୍ଡି ବ୍ଲକରେ ମରୁଡ଼ି ଘୋଷଣା, ଚାଷୀଙ୍କ ଋଣ ଛାଡ଼, ସେମାନଙ୍କୁ ନୂତନ କୃଷିଋଣ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ଦାବି କରାଯିବ ବୋଲି କଳାହାଣ୍ଡି ଏମ୍‌ପି ଗଣମାଧ୍ୟମକୁ କହିଛନ୍ତି। ଚନ୍ଦାହାଣ୍ଡି ବ୍ଲକରେ ବରୀ, ତେଲ ଏବଂ ଭଣ୍ଡାର ନଦୀ ପରି ବଡ଼ ବଡ଼ ନଦୀ ରହିଛି। ଏଠାରେ ରାଜ୍ୟ ସରକାର ଜଳସେଚନ ପାଇଁ ଡ୍ୟାମ୍‌ର ସୁବିଧା କରୁନାହାନ୍ତି। ଏଠାକାର ଏମ୍‌ପି ଏବଂ ବିଧାୟକ ନଦୀଗୁଡ଼ିକରେ ଡ୍ୟାମ୍ ନିର୍ମାଣ ନାମରେ ନଡ଼ିଆ ଭାଙ୍ଗି ଚାଷୀଙ୍କୁ ଠକି ଚାଲୁଛନ୍ତି ବୋଲି ସେ କହିଛନ୍ତି। ସେଠାରୁ ଦଲବେଡା ପଞ୍ଚାୟତ କଛାରପଡା ଗ୍ରାମ ଗସ୍ତକରି ଚାଷୀଙ୍କ ସହ ଆଲୋଚନା କରିବା ସହ ମରୁଡ଼ି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ମାଳଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝି, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ଟୁକ୍ଲୁ ନାୟକ, ପ୍ରଭାତ ସୁନା, ସୁବଳ ବାଗ, ମହେନ୍ଦ୍ର ନାୟକ, ଲୋଚନ କଟା, ଜିଲା ପରିଷଦ ସଭ୍ୟ ଜୋନ ୧ ଶ୍ୟାମସୁନ୍ଦର ମାଝି, ପାରେଶ୍ୱର ହଂସ, ଗଗନେଶ୍ୱର ମାଝି, ଟେକରାମ ମାଝି ଯାଦବ ବଗର୍ତ୍ତୀ ଭୁବନେ ସାଗର ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ନଗର ସଭାପତି ସୁରେଶ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ଅଶୋକ ପାଢ଼ୀ, ଚନ୍ଦ୍ର ରାଓ, ସନ୍ତୋଷ ସରକାର, ଶଙ୍କର ଡାକୁଆ, ସନତ ଠାକୁର, ରମେଶ ଦାସ, ମନ୍ଦିରା ନାୟକ, କୁର୍ମା ରାଓ, କମଲୁ ହରିଜନ, ରାମ ଗଣ୍ଡ ପ୍ରମୁଖ ଅନେକ କର୍ମୀ ଉପସ୍ଥିତ ଥିଲେ।



ଜମାଦାରପଡାଠାରେ ଭାଜପା ଟିମ୍ ଚାଷ ଜମି ପରିଦର୍ଶନ କରିଛନ୍ତି।

